# ଇବଥର୍ମାଲରେ ଜାତୀୟ ସୁରକ୍ଷା ଦିବସ ସମାରୋହ



ଇବଥର୍ମାଲରେ ଅଧିକାରୀ ଓ କର୍ମଚାରୀଙ୍କ ସଚେତନତା ରାଲି ।

ଇବଥର୍ମାଲ, ୪।୩ (ସବ୍ୟୁ) : ଝାରସୁଗୁଡ଼ା ଜିଲା ବନହରପାଲି ସ୍ଥିତ ଓଡ଼ିଶା ତାପଜ ବିଦ୍ୟୁତ ନିଗମ (ଓପିଜିସି)ର ଇବଥର୍ମାଲ ତାପଜ ବିଦ୍ୟୁତ କେନ୍ଦ୍ରରେ ୪୩ତମ ଜାତୀୟ ସୁରକ୍ଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ସକାଳ ସାଢ଼େ ୮ଟାରେ ପ୍ଲାଣ୍ଟର ମୁଖ୍ୟ ଗେଟ ସମ୍ମୁଖରେ କାର୍ଯ୍ୟରତ ପ୍ରାୟ ୮ଶହ କର୍ମଚାରୀ, ଶ୍ରମିକ ଓ ଠିକା ଶ୍ରମିକ ସୁରକ୍ଷା, ସଚେତନତା ସ୍ଲୋଗାନଦେଇ ରାଲି କରିଥିଲେ । ପୂର୍ବାହ୍ନ ସାଢ଼େ ୯ଟାରେ ପ୍ଲାଣ୍ଟର ପ୍ରଶାସନିକ କୋଠା ସମ୍ମୁଖରେ ଡିରେକ୍ଟର (ଅପରେସନ) ଇନ୍ଦ୍ରନିଲ ଦତ୍ତ ଜାତୀୟ ସୁରକ୍ଷା ଦିବସ ପତାକା ଉତ୍ତୋଳନ କରିବା ସହ ଶିଳ୍ପ ନିରାପତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ଦୁର୍ଘଟଣାମୁକ୍ତ ଶିଳ୍ପ ପରିଚାଳନା ପାଇଁ ସମବେତ ଶ୍ରମିକ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ । ଇବଥର୍ମାଲର ସୁରକ୍ଷିତ ପରିଚାଳନା ନେଇ ଶ୍ରୀ ଦତ୍ତ ଶ୍ରମିକ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ସୁରକ୍ଷା ବିଭାଗ ମୁଖ୍ୟ ଉମାକାନ୍ତ ପହି କାର୍ଯ୍ୟ ପରିଚାଳନା ସମୟରେ ଯନ୍ତ୍ରପାତି ବ୍ୟବହାରରେ ସତର୍କତା ଅବଲମ୍ବନ କରିବାକୁ ଶ୍ରମିକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାସହ କର୍ମଚାରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶ୍ରମିକ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି ।